ନୈବେଦ୍ୟ ।

ଶ୍ରୀହରିହର ମହାପାତ୍ର ।
ବାମଣ୍ଡା ।

Digitized by PPRACHIN, SOA

ପରମାରାଧ୍ୟା

ବାତ୍ସଲ୍ୟମୟୀ, ପତିପ୍ରାଣା, ଜନନୀ

ଁ ଜାନକୀଦେବୀ

ଙ୍କର

ସ୍ୱର୍ଗୀୟ ଆତ୍ମା ପ୍ରତି

ମୋର ଜୀବନର ଭକ୍ତି-ନୈବେଦ୍ୟ-ପାଦ୍ୟୋଦକ

ରୂପେ

ଏହି ମାତୃ-ବିରହ-ଶୋକାଶ୍ରୁ

ଅର୍ପଣ କଲି ।

Digitized by PPRACHIN, SOA

ନୈବେଦ୍ୟ ।

(ମାତୃବିଚ୍ଛେଦ ।

ଫାଟିଯା ରେହୁବ ଫୁଟିଯା ରେଅଖି
ରକ୍ତରୁ କପୁର ଦେଖ
ଅକ୍ଷଠାରୁସିନା ରସନା- ଅଗଡେ
ବ୍ୟର୍ଥ 'ମାତା' ବର୍ଣ୍ଣ ବେଖ ।
ବିଧି ହେଲା ବାମ କାଳ ହେଲା ବାମ
ପୁଣି ମାତାହୋଇ ବାମ
ଥିଲି ଏଯାମିନୀ - ଅନ୍ତମ ଯାମରେ
ଚେଳିଗଲେ ମର୍ତ୍ତ୍ୟ ଧାମ ।
ଅବସନ୍ନ କ୍ରମେ ହେଉଛି ଶରୀର
ପ୍ରାଣହୁଏ ଥର ଥର

Digitized by PPRACHIN, SOA

କୁସୁମ କୋମଳ ଜନନୀ-ହୃଦୟ
ମୋ ଭାଗ୍ୟେ ହେଲା ପଥର ।
ଆସ ମା ଭାରତି ! ବସ ମୋ ହୃଦୟ –
ପର୍ଯ୍ୟୁଷିତ ଶତଦଳେ
ଧୋଇ ଦେବି ଦେବି ! ତୋ ଅଭୟ ପଦ
ମାତୃଶୋକ ଅଶ୍ରୁ-ଜଳେ ।
ଧିକ ରେ ଜୀବନ ! ଧିକ ରେ ଲେଖନୀ !
ମାତୃଶୋକ ଅଶ୍ରୁ ନୀରେ
ପାଦ୍ୟ ଅର୍ଘ ଦେଇ ଆନନେ କରବୁ
ବାଣୀ-ଆରାଧନା ତବ ରେ !
ଅଦ୍ୟ ମାର୍ଗଶୀର କୃଷ୍ଣ ଅଷ୍ଟମୀଙ୍କ
କଲ ଘୋର ଅମାସ୍ୱବି
ନବମୀ ଯାମିନୀ – ଅନ୍ତିମ ଯାମରେ
ହେଲୁ ମାତ ! ସ୍ୱର୍ଗଯାତ୍ରି ।
ସ୍ୱଭାବେ କୋମଳ ବିମଳ ସରସ
ଅଟେ ମା ! ହୃଦୟ ତୋର

Digitized by PPRACHIN, SOA

କେଉଁ ଦୋଷେ ମୋର   ହୃଦୟେ ଚାଲିଲୁ
ବିରହ-ଯାତନା ଘୋର !

ମାଗୋ !

ସ୍ୱଭାବ ଲଳିତ   ତୋ ମୁଖ ସାରସ,
ଲଳିତ ତୋହର ବାଣୀ
ସ୍ମୃତି ପଥେ ଅଛି   ଅସି ଧାର ସମ
ହୃଦ ପକାଉଛୁ ହାଣି !
ଅଜନ୍ମଦୋଷି ତ   ଅଟେଁ ତୋଚରଣେ ,
ତୋ ହୃଦ କ୍ଷମା-ବାରିଧି
ସେ କ୍ଷମା-ବାରିଧି   ଶୁଖାଇ ଜନନି !
ଲଭିଲୁ କି ଅବା ସିଦ୍ଧି !
ଏ ଫଟା ହୃଦୟ   ବୋହୁ କି ମାଆଗୋ !
ବିହରିବି ବିଶ୍ୱଧାମେ
କାନନେ କନ୍ଦରେ   ଶୁଣିବୁ କି ଥରେ
ଡାକିଲେ ତୋହର ନାମେ ?
ଥରେ କି ମାଆଗୋ !   "ହରହର !" ବୋଲି

Digitized by PPRACHIN, SOA

(୪)

ଦ୍ୱାକ୍ଷରୁ ଆଦରେ ମୋରେ
କାହିଁ ଅଛୁ ମାଗୋ ! ଦେଖ ବାରେ ଆସି
ପଡ଼ିଛୁଁ କି ଦୁଃଖ ଘୋରେ !

ଧିକ ପୁତ୍ରପଣ ଧିକ ମୋ ସୁଶ୍ରୂଷା
ଧିକ ଆୟୁର୍ବେଦ ଶିକ୍ଷା
ପରିଣାମେ ଛାର ବୋହିଲି ସିନା ମା !
ଅଙ୍କ ମାତୃଘାତି- ଦୀକ୍ଷା !

ଔଷଧି ସଂଗ୍ରହେ କୁଠାର ହସ୍ତରେ
ବିହର ମା ! ବନେ ବନେ
କୁଠାର- ପାହେବ ଛିନ୍ନ ଥିଲି କି ତୋ-
ଜୀବନ- ତରୁ ଛେଦନେ ?

ଜନ୍ମଲିଛି ଶାଖେ ଅଭିନବ ହୋଇ
ମୋର ପୁତ୍ର ଉଦ୍ୟାନରେ
ମାଗିବୁ କି ଆଉ ଥରେ ଅସିତାଙ୍କୁଁ
ପରିହାସ ବଚନରେ ?

ଭୁଲିଥିଲି ଦ୍ୱେଗ — ଅନ୍ୟେ କହିଲୁ

Digitized by PPRACHIN, SOA

* 'ଶଶି'ର "ଅନ୍ନପ୍ରାଶନ"

ମୁଁ କୂର ଚଣ୍ଡାଳ ଶ୍ମଶାନେ ତୋ ମୁଖେ
ଅନଳ କଲି ଦାହନ !
ଛିନ୍ନ ହୋଇ ଯା'ରେ ନିର୍ମମ କର ! ତୁ,
ଅହେ ଦିଗପାଳଗଣ !
ମାତୃଘାତ ଏହି କର ବିଚ୍ଛେଦନେ
କରହେ ଅସି ଧାରଣ !
ଦିଗପାଳ ରୂପେ ଏବିଶ୍ବେ ପ୍ରହରୀ
ରଖିଛନ୍ତି ବିଶ୍ବ ପାଇଁ
ମୂକଭାବେ ବିଶ୍ବ -- ଦୃଶ୍ୟ କୁତ୍ସିତ
ଦର୍ଶନ କରିବା ପାଇଁ ?
ପୁଣ୍ୟେ ପୁରସ୍କାର ପାପେ ତିରସ୍କାର
ନ ଦେବ କି କହ ବାରେ

* ମୋର ମା ୫ ମ ବୟସର ଶିଶୁ ପୁତ୍ରର ନାମ
'ଶଶିଭୂଷଣ' ।

Digitized by PPRACHIN, SOA

ମାତୃଘାତୀ ଏହି   କର ନଛେଦବ
କୃପାଁ କରି ଅସିଧାରେ

ମାଗୋ !

ଜନ୍ମ କରମୋତେ   ଦୁଗ୍ଧ ପାନ ଦାନେ
ଯତନେ କଲୁ ପାଳନ
ଶେଷେ ତୋର ମୁଖେ   ଦୁଗ୍ଧ ଧାର ଦେଇ
ଘେନିଲି ତୋର ଜୀବନ ।
ପଞ୍ଚପୁତ୍ର ମଧ୍ୟେ   ଅଟଇଁ ସିନା ମା !
ମୁ ମୂଢ଼ ପାଷଣ୍ଡ ଅତି
ତୋ ମୁଖ ମୋ ମୁଖ   ଯୋଡ଼ାଇଁ ଏ ବିଶେଷେ
କରିବି କେମନ୍ତେ ଗତି ?
ଆଉ ଥରେ ମାଗୋ !   ଆସି ମୋର ଗଣ୍ଡେ
ଦିଅ ସେ ମଧୁ ଚୁମ୍ବନ
ଦେଖାଇ ବଦନ   ଶୁଣାଅ ମା ! ବାରେ
ତୋ ସ୍ନେହମୟ ବଚନ ।
ବସିଅଛୁଁ ଅଙ୍କ   ଏପୁର ଉଦ୍ୟାନେ
ତୋ ବିଚ୍ଛେଦେ ତପ୍ତ ମନେ

Digitized by PPRACHIN, SOA

ଢାଳ ମା ! ମୋର ଏ   ଦଗ୍ଧ ପ୍ରାଣେ ଶାନ୍ତି
ସାନ୍ତ୍ୱନା ମଧୁ ବଚନେ ।
ଏହୁତ ରହିଛି   ସେ କମଳା ଚରଣ
ଠିଆହୋଇ ଯାଉ ଚଳେ
ଭାଷୁଥାଉ କେତେ   ବାତ୍ସଲ୍ୟ ଭରଣ
ପଢ଼ିବା ମାଗିବା ଛଳେ ।
ଆଉ କି ଭାଷିବୁ   ସେ ଯାଚନ୍ତାବାଣୀ ?
ଶ୍ରବଣରେ ଦଗ୍ଧ ହୃଦୟ !
ନଦେଲୁ ତାଙ୍କରେ   ତା ଯାଚିତ ଦ୍ରବ୍ୟ
ତୁଚ୍ଛ ଏତେ ନୀଚାଶୟ ?
ଅନୁତାପାନଳେ   ଦଗ୍ଧ ହୋଇ ତୁଚ୍ଛ
ଝୁରିମରୁ ଥାଅ ଏବେ
କୋଟି ଜନ୍ମାନ୍ତରେ   ଲଭିବୁ କି ଆଉ
ସେପରି ଜନନୀ ଭବେ ?
ତେଜିଲେ ଏପ୍ରାଣ ଲଭିବ କି ତୋତେ
ଦୁଃଖ ସ୍ମୃତି ଘୋର ଘେନ

Digitized by PPRACHIN, SOA

ଦୁରବସ୍ଥା ତଳରେ   ଦେଖି ତୋର ଦୁଃଖ
    ନଫଟିଲା ନେଶବେକ ।
ତୋପୁର, ଅଗଣା,   ପ୍ରିୟସ୍ଥଳ ମାନ
    ହୋଇଛି ମା ! ଶୂନ୍ୟମୟ
ପତି, ସୁତ, ସୁତା,   ସେଦନ୍ତୁ ବକଲେ
    ସନ୍ତାପେ ହୋଇ ଅଥୟ ।
ନ ସେବିଲ ଧନେ   ତୋ ସବୁ ପଦ
    ତେଣୁ କି ବହିଲୁ ଦ୍ୱେଷ ?
ତୋ ପର ବାତୁଲ୍ୟ — ମୂର୍ଖୀ ମାତା ପକ୍ଷେ
    ଭୁଲ୍ଚି ପିନା ଏହି ଦୋଷ !
ନୁହଇଁ ମା ! ତୋର   ସୁଯୋଗ୍ୟ ତନୟ,
    ତେଜିଗଲ୍ କଣ ରଣି
ଯାପିବ ସିନା ଏ   ପ୍ରାଣ, ଅମରଣ
    ତୋର ଗୁଣ ଗୁଣି ଗୁଣି ।
ବଶ୍ୟମସ୍ତଙ୍କର   ବଶ୍ୟରୂପ ସଙ୍ଗେ
    ଯାଉଅଛୁ କି ମା ! ମିଶି

Digitized by PPRACHIN, SOA

କୋଟି ଜନ୍ମ ଧରି   ଦେଖୁଛ ରୌଦ୍ରବେ
ଦଗୁଅଛୁ ଦବାନଳି ।
ମାତୃହୀନ ନର   ଜାଣଇ ଜଗତେ
'ମାତା' ପଦାର୍ଥର ମୂଲ
ସେ ଅମୂଲ୍ୟ ରତ୍ନ   ହରାଇ ସିନା ମୁଁ
ହେଉଛି ଏତେ ଆକୁଳ !
ଜନ୍ମାନ୍ତରେ ଯେବେ   ଯିବ ଗୋ ଜନନି !
ତୋର ପଥ ଅନୁସରି
ସ୍ୱଭାବେ ଅନ୍ଧ ମୁଁ   ଦୟାମୟି ! ସ୍ନେହେ
ନେବୁ ମୋର କରଧରି !
ପଦ ପ୍ରାନ୍ତେ, ପଦ ଧୋଇ ଅଶ୍ରୁ ନୀରେ
ପାଦୁକା ପାନେ **ଅନନ୍ଦେ**
କଟାଇବି ମୋର   ପରଲୋକ ସୁଖେ
ସେବା କରି ତୋର ପଦେ ।
ସେବାର ଅଯୋଗ୍ୟ   ଯେଣୁ ମୁଁ ହିଁ ତେଣୁ
ନନେଲୁ କି ସଙ୍ଗେ ମୋତେ ?

Digitized by PPRACHIN, SOA

ଭାଷାଫିଟ ତୋର କାରୁଣ୍ୟ କରୁଣା
କେମନ୍ତେ ଭୁଲିବ ସତେ !
ଗଲୁ ଯେବେ ମାତ ! ତେଜି ଭବ ମାୟା
ଯାଅ ନାଉ ଶାନ୍ତିପୁରେ
ଅଲୌକିକ ପୂତ ଅଛଇ କରତେ
ଯାହା ମହା ଜ୍ୟୋତ୍ସ୍ନା ପୂରେ ।
ନାରୀ ଧର୍ମ ସାର ସ୍ୱର୍ଗୀୟ ରତନ
ଝଲକେ ଯାହା ତୋ ଭାଲେ
ପରଲୋକ ପଥ ଭେଦ ଯାଅ ମା ଗୋ !
ତାର ପୁଣ୍ୟ ପ୍ରଭା ଜାଲେ ।
ଆଶୀଷ ମା ! ତୋର ସୁତ ସୁତାଗଣେ
ନାଉ ସେହ ଶାନ୍ତି ପୁରୁ
ବିଶ୍ୱ ନଶ୍ୱରତା ସ୍ମରଇ ତୋ ସ୍ମୃତି
କରତେ ମୋ ପ୍ରାଣେ ସ୍ଫୁରୁ ।
ବିଶ୍ୱ ପ୍ରାଣ ଘେନ ତମୋମୟ ବିଶ୍ୱେ
ତୋର ଚିତା ସ୍ମୃତି ବହୁ

Digitized by PPRACHIN, SOA

ମୃତ ମୁଖ ମୋର ଧ୍ୟାପ୍ତି କରନ୍ତୁର
ଭେଦିବ ଏ ଶୂନ୍ୟ ମହୀ ।

ତୋର " ହରିହର।"

Printed by D. Gar nayak,
The Hitaishini Electric Machine Press
Bamra

Digitized by PPRACHIN, SOA